# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଆଗ୍ନି ମାନବ

ଲେଖକ: Edward Hughes

ଦୃଷ୍ଟାନ୍ତ: Lazarus

ଉପଯୋଜକ: E. Frischbutter

ଅନୁବାଦକ: Prasanta Bhuyan

ପ୍ରଯୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,: ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ସବୁ କ୍ଷେତ୍ରରେ ଇସ୍ରାଏଲର ମନ୍ଦ ହେଲା । ରାଜା ଓ ରାଣୀ ସଦାପ୍ରଭୁଙ୍କୁ ପରିତ୍ୟାଗ କଲେ । କି ମର୍ମନ୍ତୁଦ ଉଦାହରଣ ଅଟେ, ଶୀଘ୍ର ଲୋକମାନେ ମଧ୍ୟ ସଦାପ୍ରଭୁଙ୍କୁ ପରିତ୍ୟାଗ କଲେ ଏବଂ ଭ୍ରଷ୍ଟ ଦେବଗଣର ଉପାସନା କଲେ । କେହି ଜଣେ ସଦାପ୍ରଭୁଙ୍କୁ ପ୍ରେମ କଲେ କି?



ହଁ, ସେଠାରେ କେତେକ ଶ୍ରଦ୍ଧାଳୁ ଲୋକ ଥିଲେ । ଦିନକରେ, ସଦାପ୍ରଭୁ ସେମାନଙ୍କ ମଧ୍ୟରୁ ଜଣକୁ କଥା କହିଲେ । ତାଙ୍କର ନାମ ଏଲିୟ ଥିଲା ।



ଏଲିୟ ଦୁଷ୍ଟ ରାଜା ଆହବଙ୍କୁ କହିଲେ, ଇସ୍ରାଏଲର ପରମେଶ୍ୱର ସଦାପ୍ରଭୁ ଜୀବିତ ଥିବା ପ୍ରମାଣେ, ଏହି କେତେକ ବର୍ଷ କାକର କିମ୍ବା ବୃଷ୍ଟି ପଡ଼ିବ ନାହି, କେବଳ ମୋ ବାକ୍ୟାନୁସାରେ ହେବ । ଏହାର ଅର୍ଥ ଥିଲା ଦୁର୍ଭୀକ୍ଷ, ସଦାପ୍ରଭୁ ତାଙ୍କ ଲୋକମାନଙ୍କୁ ଦୁଷ୍ଟତାରେ ରଖିବାକୁ ପସନ୍ଦ କଲେ ନାହିଁ ।





ରାଜାଙ୍କୁ ସତର୍କ କରାଇଲା ପରେ, ସଦାପ୍ରଭୁ ଏଲିୟଙ୍କୁ ଦେଶର ଏକ ନିର୍ଜନ ସ୍ଥାନକୁ ପ୍ରେରଣ କଲେ । ସେଠାରେ, ଏକ ନଦୀ କୂଳରେ ଏଲିୟ ଅପେକ୍ଷାରେ ରହିଲେ । ସଦାପ୍ରଭୁ କାକମାନଙ୍କୁ ତାହାଙ୍କୁ ଖୁଆଇବାକୁ ପଠାଇଲେ । ସେମାନେ ପ୍ରାଃତକାଳେ ଓ ସଂଧ୍ୟାବେଳେ ରୋଟୀ ଓ ମାଂସ ଆଣିଲେ । ଆଉ ସେ ନଦୀରୁ ପାନ କଲେ ।



କିଛି କାଳ ଉତ୍ତାରେ ନଦୀ ଶୁଷ୍କ ହୋଇଗଲା, କାରଣ ସେହି
ଦେଶରେ ବୃଷ୍ଟି ହେଲା ନାହିଁ । ସଦାପ୍ରଭୁଙ୍କ ବାକ୍ୟ ସତ୍ୟ
ହେଲା । ସାରା ଦେଶରେ ଜଳର ଆଭାବ ଦେଖାଦେଲା ।



ଫସଲ ବଢ଼ିଲା ନାହିଁ । ଲୋକମାନେ ଭୋକରେ ଆଉଟୁ ପାଇଟୁ ହେଲେ । ହୋଇପାରେ ଏଲିୟ ମଧ୍ୟ ଭାବୁଥାଇ ପାରନ୍ତି ଯେ ବର୍ତ୍ତମାନ୍ ତାଙ୍କର କଅଣ ହେବ କାରଣ ପାଣି ନାହିଁ ।



ସଦାପ୍ରଭୁ ଏଲିୟଙ୍କୁ କହିଲେ,
ଉଠ, ସାରିଫତକୁ ଯାଇ
ସେଠାରେ ବାସ କର । ଦେଖ,
ଆମ୍ଭେ ସେଠାରେ ଥିବା ଏକ
ବିଧବା ସ୍ତ୍ରୀ ଙ୍କୁ ତୁମ୍ଭକୁ
ପ୍ରତିପୋଷଣ କରିବାକୁ ଆଜ୍ଞା
ଦେଇଅଛୁ । ସଦାପ୍ରଭୁ ତାଙ୍କ
ଦାସଙ୍କ ଆବଶ୍ୟକତା
ଜାଣିଥିଲେ ।



କିନ୍ତୁ କି ଅସାଧାରଣ ପଥ ଦେଇ ପ୍ରଦାନ କରିବା ।
ନମ୍ରଭାବରେ ଏଲୀୟ ସଦାପ୍ରଭୁଙ୍କ ବାଧ୍ୟ ହେଲେ ।
ଯେତେବେଳେ ସେ ସାରିଫତ୍ ଗ୍ରାମରେ ପହଞ୍ଚିଲେ, ସେହି

ବିଧବା ସ୍ତ୍ରୀ ନଗର ଦ୍ୱାର ନିକଟରେ ନିଆଁ କରିବାକୁ କାଠ ସାଉଣ୍ଟୁଥିଲା ।

ବିନୟ କରୁଅଛି, ଗୋଟିଏ ପାତ୍ରରେ କିଛି ଜଳ ଆଣ, ଏଲୀୟ ସେହି ସ୍ତ୍ରୀ ଙ୍କୁ କହିଲେ । ବିନୟ କରୁଅଛି ମୋ ପାଇଁ ଖଣ୍ଡେ ରୋଟି ହାତରେ ଆଣ ।

ମୋଠାରେ ଗୋଟିଏ ରୋଟି ନାହିଁ, ସେହି ବିଧବା ସ୍ତ୍ରୀ ଉତ୍ତର ଦେଲା । କେବଳ କଳସରେ ମୁଠିଏ ମଇଦା ଓ ପାତ୍ରରେ ଅଳ୍ପ ତେଲ ଅଛି ।



ଦୁଃଖରେ ସେହି ସ୍ତ୍ରୀ

ଭବିଷ୍ୟଦବକ୍ତାଙ୍କୁ କହିଲେ

ଯେତେବେଳେ ତାହା

ସରିଯିବ, ସେ ଆଉ ତାହାର

ପୁତ୍ର  ଭୋକରେ ମରିବେ ।



ଭୟ କରନାହିଁ । ପ୍ରଥମେ ମୋ ପାଇଁ ଗୋଟିଏ ସାନ ପିଠା କରି ମୋ କତିକି ଆଣ, ତହିଁ ଉତ୍ତାରେ ତୁମ୍ଭପାଇଁ ଓ ତୁମ୍ଭ ପୁତ୍ରପାଇଁ କର, ଏଲୀୟ କହିଲେ । ଯେପର୍ଯ୍ୟନ୍ତ ସଦାପ୍ରଭୁ ଭୂମିରେ ବୃଷ୍ଟି ନ ବର୍ଷାନ୍ତି ସେଦିନ ପର୍ଯ୍ୟନ୍ତ ମଇଦା କଳସ ଶୁନ୍ୟ ହେବନାହିଁ କିଅବା ପାତ୍ରରେ ତୈଳର ଅଭାବ ହେବ ନାହିଁ ।



ସଦାପ୍ରଭୁଙ୍କୁ ତାହା କରିବାକୁ ଏକ ଆଶ୍ଚର୍ଯ୍ୟ କର୍ମ କରିବାକୁ ହେବ । ଓ ସେ ତାହା କଲେ, ସେହି ସ୍ତ୍ରୀ ଓ ତାହାର ପୁତ୍ର ଅନେକ ଦିନଯାଏଁ ତାହା ଭୋଜନ କଲେ । ତଥାପି ସେହି ମଇଦା କଳସ ଶୂନ୍ୟ ହେଲା ନାହିଁ, କିବା ପାତ୍ରରେ ତୈଳର ଅଭାବ ହେଲା ନାହିଁ ।



ଏଲୀୟ ସେମାନଙ୍କ ସହିତ ବାସ କଲେ । ଦିନକର ଘଟଣା, ଏକ ଦୁଃଖ ତାଙ୍କ ଜୀବନରେ ଆସିଲା । ବିଧବାର ପୁତ୍ରର ମୃତ୍ୟୁ ହେଲା । ଏଲୀୟ



ସେହି ବାଳକକୁ ଉପର କୋଠରିକି ନେଇଗଲେ । ସେ ସଦାପ୍ରଭୁଙ୍କୁ ପ୍ରାର୍ଥନା କରି କହିଲେ, ହେ ସଦାପ୍ରଭୁ ମୋହର ପରମେଶ୍ୱର, ମୁଁ ବିନୟ କରୁଅଛି ଏହି ବାଳକର ପ୍ରାଣ ତାହା ମଧ୍ୟକୁ ଫେରିଆସୁ । କି ଅସମ୍ଭବ ନିବେଦନ !

ସଦାପ୍ରଭୁ ଏଲୀୟଙ୍କ ରବରେ କର୍ଣ୍ଣପାତ କଲେ, ପୁଣି ବାଳକର ପ୍ରାଣ ପୁନର୍ବାର ତାହା ମଧ୍ୟକୁ ଆସନ୍ତେ ସେ ଜୀବିତ ହେଲା । ଯେତେବେଳେ ଏଲୀୟ ବାଳକକୁ ନେଇ ତାହାର ମାତାର ହସ୍ତରେ ଦେଲେ, ତହୁଁ ସେ କହିଲା ତୁମ୍ଭ ମୁଖରେ ସଦାପ୍ରଭୁଙ୍କ ବାକ୍ୟ ସତ୍ୟ ଅଟେ ।



ତୃତୀୟ ବର୍ଷ ପରେ, ସଦାପ୍ରଭୁ ଏଲୀୟଙ୍କୁ ପୁଣି ରାଜାଙ୍କ ନିକଟକୁ ପଠାଇଲେ, କହିଲେ ଆମ୍ଭେ ଭୂମିକୁ ବୃଷ୍ଟି ପଠାଇବା ।



ତୁମ୍ଭେ ଯାଇ ଆହାବକୁ ଦେଖା ଦିଅ, ତାଙ୍କ ସ୍ତ୍ରୀ ଇଷେବଲ୍ ଏକଶହ ଭବିଷ୍ୟଦବକ୍ତାମାନଙ୍କୁ ଉଚ୍ଛିନ୍ନ କରିଥିଲା । ମାତ୍ର ଏଲୀୟ ଯୁକ୍ତି କଲେନାହିଁ । ସେ ରାଜା



ଆହବଙ୍କୁ ଦେଖା କରିବାକୁ ଗଲେ ।

ଯେତେବେଳେ ସେ ଦୁହେଁ ମିଶିଲେ, ଏଲୀୟ
ଆହାବଙ୍କୁ କହିଲେ ତୁମ୍ଭେ ସମସ୍ତ
ଇସ୍ରାଏଲ ଗୋଷ୍ଠି ଓ ବାଲ୍ ର ଓ
ଆଶେରାର ସମସ୍ତ ୮୫୦
ଭବିଷ୍ୟଦବକ୍ତାଙ୍କୁ କର୍ମୀଲ୍
ପର୍ବତରେ ମୋ ନିକଟରେ
ଏକତ୍ରୀତ କରାଅ ।



କର୍ମୀଲ୍ ପର୍ବତରେ ଏଲୀୟ
ଲୋକମାନଙ୍କୁ କହିଲେ । ଯଦି
ସଦାପ୍ରଭୁ ପରମେଶ୍ୱର ଅଟନ୍ତି
ତେବେ ତାହାର ଅନୁଶରଣ କର ।

ବଳି ଉତ୍ସର୍ଗ ନିମନ୍ତେ ଏଲୀୟ୍ ଦୁଇ ବୃଷ ପ୍ରସ୍ତୁତ କରିଥିଲେ । ମାତ୍ର ତହିରେ ଅଗ୍ନି ନ ଦେବାକୁ କହିଲେ । ତୁମ୍ଭେ ଆପଣା ଦେବଗଣର ନାମରେ ପ୍ରାର୍ଥନା କର, ପୁଣି ମୁଁ ସଦାପ୍ରଭୁଙ୍କ ନାମରେ ଡାକି ପ୍ରାର୍ଥନା କରିବି, ସେ କହିଲେ । ତହିରେ ଯେ ଅଗ୍ନିଦ୍ୱାରା ଉତ୍ତର ଦେବେ  ସେ ପରମେଶ୍ୱର ଅଟନ୍ତି । ଏଥିରେ ଲୋକ ସମସ୍ତେ

ଉତ୍ତର କଲେ,

ଏ କଥା

ଉତ୍ତମ ।



ପ୍ରାତଃ କାଳରୁ ସଂନ୍ଧ୍ୟା ପର୍ଯ୍ୟନ୍ତ, ସେମାନେ ବାଲ୍ ନାମରେ ଡାକି ପ୍ରାର୍ଥନା କଲେ । ସେମାନେ ନାଚିଲେ, ଦେହରୁ ରକ୍ତ ବାହରିବା ପର୍ଯ୍ୟନ୍ତି ଛୁରୀ ଓ ବର୍ଛାରେ ନିଜକୁ କ୍ଷତବିକ୍ଷତ କଲେ, ମାତ୍ର ଅଗ୍ନି ଆସିଲା ନାହିଁ ।





ଏଲୀୟ ଯଜ୍ଞବେଦିର କାଷ୍ଠ ଓ
ବେଦି ଉପରେ ଜଳରେ ଓଦାହେବା
ପର୍ଯ୍ୟନ୍ତ ଢାଳିଲେ, ଏବଂ ପ୍ରାର୍ଥନା
କଲେ । ହେ ସଦାପ୍ରଭୋ, ମୋତେ
ଶୁଣ, ଏହି ଲୋକମାନେ ଯେପରି
ଜାଣିପାରିବେ ଯେ ତୁମ୍ଭେ ସଦାପ୍ରଭୁ
ଅଟ ... ସେତେବେଳେ ସଦାପ୍ରଭୁଙ୍କ
ଅଗ୍ନି ପତିତ ହୋଇ ହୋମାର୍ଥକ
ବଳି  ଓ କାଷ୍ଠ ଓ ପ୍ରସ୍ତର
ବେଦିକୁ ଗ୍ରାସ କଲା ।

ଯେତେବେଳେ ଲୋକମାନେ ଏହା ଦେଖିଲେ,
ସେମାନେ କହିଲେ ସଦାପ୍ରଭୁହିଁ ପରମେଶ୍ୱର,
ସଦାପ୍ରଭୁହିଁ ପରମେଶ୍ୱର  ଅଟନ୍ତି । ଏଲୀୟ
କହିଲେ ବାଲ୍ ର ଭବିଷ୍ୟଦବକ୍ତା ମାନଙ୍କୁ
ଧର ।



ସେମାନୋଙ୍କୁ ଯିବାକୁ ଦିଅ ନାହିଁ, ଏଲୀୟ ତାହା କଲେ ଯାହା ରାଜା ଆହାବଙ୍କୁ ଅନେକ ଆଗରେ କରିବା ଆବଶ୍ୟକ ଥିଲା । ସେ ବାଲ୍ ର ଭବିଷ୍ୟଦବକ୍ତା ମାନଙ୍କୁ ବଧ କଲେ ।



ତାହାପରେ ସଦାପ୍ରଭୁଙ୍କ ଦାସ
ଆହବଙ୍କୁ କହିଲେ ବର୍ଷା ଆସୁଅଛି ।
ଶିଘ୍ର ଏକ ଛୋଟିଆ ମେଘ ଦେଖାଦେଲା ।
ପ୍ରାୟ ତିନିବର୍ଷରୁ ଉର୍ଧ ଭୟାବହ ମରୁଡ଼ି
ପରେ ଏବେ



ବର୍ଷା
ହୋଇପାରେ
କି?



ତହୁଁ ଆଳ୍ପକ୍ଷଣ ମଧ୍ୟରେ
ମେଘ ଓ ବାୟୁରେ ଆକାଶ
କଳା ହୋଇଗଲା ଓ
ମହାବୃଷ୍ଟି ହେଲା । ସଦାପ୍ରଭୁ
ବୃଷ୍ଟି କରାଇଲେ । ସଦାପ୍ରଭୁ
ଲୋକମାନଙ୍କୁ ଦେଖାଇଲେ
ଯେ ଏଲୀୟ ସେମାନଙ୍କୁ
ସତ୍ୟ କହୁଥିଲେ । ସଦାପ୍ରଭୁ
ଦେଖାଇଲେ ସେ ଏକା ସତ୍ୟ
ପରମେଶ୍ୱର ଅଟନ୍ତି ।

ତୁମେ କଅଣ ଭାବ ରାଜା ଆହବ କି ସଦାପ୍ରଭୁଙ୍କୁ ଏବଂ ତାଙ୍କର ଦାସ ଏଲୀୟଙ୍କୁ ସମାଦର କଲେ? ନୁହେଁ! ସତ୍ୟତାରେ, ଈଷେବଲ୍ ଏଲୀୟଙ୍କୁ



ବଧ କରିବାକୁ ଚେଷ୍ଟାକଲେ, କିନ୍ତୁ ସେ ଖସି ପଳାଇଗଲେ । ପରିଶେଷରେ, ଆହବ ଯୁଦ୍ଧକ୍ଷେତ୍ରରେ ଦେହ ତ୍ୟାଗ କଲେ ଏବଂ ଈଷେବଲକୁ ତାଙ୍କର ଦାସିମାନେ ପ୍ରାସାଦର ଉଚ୍ଚା ପ୍ରାଚିରରୁ ତଳକୁ ଠେଲିଦେଲେ । ସେ ତଳେ ଏକ ବଡ଼ ପଥର ସହିତ ଧକ୍କାହୋଇ ପ୍ରାଣତ୍ୟଗ କଲା ।



ଏଲୀୟଙ୍କର

କଅଣ ହେଲା?

ଦିନକରେ ସଦାପ୍ରଭୁ ଏକ ଅଗ୍ନିମୟ ରଥ

ଓ ଅଗ୍ନିମୟ ଅଶ୍ୱମାନ ପ୍ରେରଣ କଲେ,

ଏବଂ ଏଲୀୟ, ସଦାପ୍ରଭୁଙ୍କ ଅଗ୍ନି ମାନବ

ଘୂର୍ଣ୍ଣିବାୟୁରେ ସ୍ୱର୍ଗାରୋହଣ କଲେ ।

# ଅଗ୍ନି ମାନବ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କାହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ପ୍ରଥମ ରାଜାବଳି ୧୭-୧୯, ଦ୍ୱୀତୀୟ ରାଜାବଳି ୨

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬